ଧରିତ୍ରୀ
DHARITRI

July 12-18, 2020 ₹ 2/-


# ଛୁଟିଦିନ




୩
ପ୍ରଚ୍ଛଦ ପ୍ରସଙ୍ଗ

ଅପରାଧ ଛୋଟ ହେଉ ବା ବଡ଼ ସେହି ଅନୁପାତରେ ଦଣ୍ଡବିଧାନ ନିଶ୍ଚିତ। ଇତିହାସରେ ଅତି ଲୋମଟାଙ୍କୁରା ଦଣ୍ଡ ବ୍ୟବସ୍ଥାର ନଜିର ରହିଛି। ତେବେ ଏମିତି ବି କେତେକ ଘଟଣା ଅଛି ଯେଉଁଠି ଏଭଳି କିଛି ଦଣ୍ଡ ଦିଆଯାଇଛି, ଯାହାକୁ ଶୁଣିବାମାତ୍ରେ ଆମେ ଭୟରେ ତ ଥରିବା ନାହିଁ; ଓଲଟି କହିବା 'ଇଏ କିପରି ଦଣ୍ଡ' ସଜା ନା ମଜା...

ସିନେମା
୪



# ଏଲଇଡି ମାସ୍କ



**କ**ରୋନା ପାଇଁ ଏବେ ସମସ୍ତଙ୍କ ମୁହଁରେ ମାସ୍କ। ଆଉ ତାରି ତଳେ ଲୁଚି ଯାଉଛି ମଣିଷର ସବୁ ଭାବ। ତେଣୁ କାଲିଫର୍ନିଆର ଗେମ୍ ଡିଜାଇନର୍ ଓ ପ୍ରୋଗ୍ରାମର୍ ଟେଲର୍ ଗ୍ଲେୟଲ୍ ତିଆରି କରିଛନ୍ତି ଏକ ଖାସ୍ ମାସ୍କ, ଯାହାକୁ ଲଗେଇ କଥାବାର୍ତ୍ତା ହେଲେ, ହସିଲେ ଏଥିରେ ଲାଗିଥିବା ଏଲ୍ଇଡି ଲାଇଟ୍ ଓଠର ହଲିବା ଅନୁଯାୟୀ ଜଳିଥାଏ। ଲାଇଟ୍ ଦେଖି ସାମ୍ନାରେ ଥିବା ଲୋକ ଜାଣିପାରିବେ ମାସ୍କ ପିନ୍ଧିଥିବା ବ୍ୟକ୍ତି କଥା ହଉଛନ୍ତି ନା ହସୁଛନ୍ତି। ଆଉ କେବେ ଚୁପ୍ ରହୁଛନ୍ତି। ହସିଲେ ଏଲ୍ଇଡି ଲାଇଟ୍‌ରେ ମାସ୍କ ଉପରେ ସ୍ମାଇଲି ହୋଇଯାଏ। କପଡାର ଏହି ମାସ୍କରେ ୧୬ଟି ଏଲଇଡି ଲାଇଟ୍ ଲାଗିଛି। ଏଥିରେ ଭଏସ୍ ପ୍ୟାନେଲ୍ ଲଗାଯାଇଛି, ଯାହାକୁ ଏଲ୍ଇଡି ଲାଇଟ୍ ସହ ସଂଯୋଗ କରାଯାଇଛି। ତେଣୁ ବ୍ୟକ୍ତି କଥା ହେବା ଓ ହସିବା ଦ୍ୱାରା ତାହା ଜଳିଥାଏ। ଗ୍ଲେୟଲ୍ କହନ୍ତି, ମୁଁ ବଜାରରେ ଏକ ଖାସ୍ ମାସ୍କ ଖୋଜୁଥିଲି। ହେଲେ ମୋ ମନ ଲାଖି ମାସ୍କ ମୁଁ ପାଇଲି ନାହିଁ। ତେଣୁ ନିଜେ ମାସ୍କ ତିଆରି କରିବା ଆରମ୍ଭ କଲି। ଏହାକୁ କରିବା ପାଇଁ ଏକ ମାସ ସମୟ ଲାଗିଥିଲା। ଏହାକୁ ଧୋଇବା ବି ସହଜ। ତେବେ ଏହାକୁ ଧୋଇବା ପୂର୍ବରୁ ସେଥିରେ ଲାଗିଥିବା ଏଲଇଡି ଲାଇଟ୍‌ର ପ୍ୟାନେଲ୍‌କୁ ବାହାର କରିଦେବେ। ଏଥିରେ ୯ ୱାଟ୍‌ର ବ୍ୟାଟେରି ବି ସଂଯୁକ୍ତ ହୋଇଛି, ଯାହା ଏଲ୍ଇଡି ପ୍ୟାନେଲ୍‌କୁ ସପୋର୍ଟ କରିଥାଏ। ଉକ୍ତ ମାସ୍କର ଦାମ ୩୮୦୦ ଟଙ୍କା।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁଲାଇ ୧୨-୧୮

**ମେଷ**
ଉନ୍ନତ ଚିନ୍ତା, ସୃଜନଶୀଳ ଚିନ୍ତାଧାରା, ଶାରୀରିକ ଦୁର୍ବଳତା, ଅର୍ଥ ସଂକଟ, ରୁଗ୍ଣ ମାନସିକତା, ସଙ୍ଗୀତ ସାଧନା, ସାଂଗଠନିକ କାର୍ଯ୍ୟ, ଲାଭଜନକ ବ୍ୟବସାୟ, ପରୋକ୍ଷ ଶତ୍ରୁତା, ବନ୍ଧୁଙ୍କ ବେଖାତିର।

**ବୃଷ**
ସ୍ୱାସ୍ଥ୍ୟ ସମସ୍ୟା, କର୍ମାରମ୍ଭରେ ବାଧା, ଆର୍ଥିକ ଉନ୍ନତି, ବୈଷୟିକ ସୁଖ ସମୃଦ୍ଧି, ପରିବହନରେ ଝଗଡା, ବାଣିଜ୍ୟରେ ପ୍ରତିବନ୍ଧକ, ମିଥ୍ୟାଭିଯୋଗ, ରଚନାତ୍ମକ କାର୍ଯ୍ୟାରମ୍ଭ, ଲକ୍ଷ୍ୟପୂରଣ।

**ମିଥୁନ**
ଅନୁକୂଳ ବାତାବରଣ, ଆର୍ଥିକ ଉନ୍ନତି, ବନ୍ଧୁଙ୍କ ସାହାଯ୍ୟ, ପାରିବାରିକ ସମର୍ଥନ, ବିବାଦର ପରିସମାପ୍ତି, ଯାନବାହନରେ ସମସ୍ୟା, ରୋଗପୀଡାରୁ କଷ୍ଟ, ନିର୍ମାଣରେ ଦ୍ୱନ୍ଦ୍ୱ, ପଦୋନ୍ନତିର ସୂଚନା।

**କର୍କଟ**
ଶାରୀରିକ ଦୁର୍ବଳତା, ଜମିଜମା କଳହ, ନିର୍ମାଣ କ୍ଷେତ୍ରରେ ସମସ୍ୟା, ଅପ୍ରିୟ ସତ୍ୟ କଥାରୁ ଶତ୍ରୁତା, ଆଇନ ସହାୟତା, ପରିବହନରେ ଉନ୍ନତି, ପାରିବାରିକ ସଦ୍‌ଭାବ, ଉପରିସ୍ଥ କର୍ମଚାରୀଙ୍କ ଅନୁକମ୍ପା।

**ସିଂହ**
ନୂତନ କର୍ମାରମ୍ଭ, ସାମାଜିକ ପ୍ରତିଷ୍ଠା, ପାରିବାରିକ ସୌଖ୍ୟ, ପରିବହନରେ ଝଗଡା, ଫ୍ଲଟିଙ୍ଗ୍ କାରବାରରୁ ଲାଭ, କୃଷି ବାଣିଜ୍ୟରେ ଉନ୍ନତି, ଆର୍ଥିକ ସଂକଟ, ରୋଗପୀଡା ଲାଘବ, ଯାତ୍ରାରେ ଲକ୍ଷ୍ୟପୂରଣ।

**କନ୍ୟା**
ସ୍ୱାସ୍ଥ୍ୟ ସମସ୍ୟା, ମାନସିକ ଦୁଶ୍ଚିନ୍ତା, ଆତ୍ମୀୟସ୍ୱଜନଙ୍କ ସହାନୁଭୂତି, ଋଣଗ୍ରସ୍ତ ହେବେ, ପଦସ୍ଥ ବ୍ୟକ୍ତିଙ୍କ ଅନୁକମ୍ପା, ଭିଜିଲାନ୍ସ ଧରପଗଡ, ଜମିଜମା କଳହ, ବନ୍ଧୁଙ୍କ ପ୍ରତିଶ୍ରୁତି, ସହକର୍ମୀଙ୍କ ସହ ସୁସମ୍ପର୍କ।

**ତୁଳା**
ଅସାବଧାନତାରୁ ଧନହାନି, ଅର୍ଥ ସମ୍ପର୍କିତ କଳହ, ସମ୍ପର୍କୀୟଙ୍କ କାରସାଦୀ, ମାନସିକ ଦ୍ୱନ୍ଦ୍ୱ, ଶାରୀରିକ ଅସୁସ୍ଥତା, ବନ୍ଧୁବର୍ଗଙ୍କ ସହଯୋଗ, ଶାରୀରିକ ସୁସ୍ଥତା, ପରିବହନରୁ ଲାଭ, ସମସ୍ୟାମୁକ୍ତ ହେବେ, କାର୍ଯ୍ୟସିଦ୍ଧି।

**ବିଛା**
ଧାର୍ମିକ କାର୍ଯ୍ୟ, ନୂତନ ପ୍ରକଳ୍ପାରମ୍ଭ, ଗୁରୁତ୍ୱପୂର୍ଣ୍ଣ ଆଲୋଚନା, ପାରିବାରିକ ମତାନ୍ତର, ସମସ୍ୟା ସମାଧାନ, କାର୍ଯ୍ୟବ୍ୟସ୍ତତା ବୃଦ୍ଧି, ବିବାଦର ପରିସମାପ୍ତି, ବୌଦ୍ଧିକ ବିକାଶ, ଅର୍ଥନୈତିକ ଅଭିବୃଦ୍ଧି, ସନ୍ତାନଙ୍କ କୃତି ଓ କୃତିତ୍ୱ।

**ଧନୁ**
ଅର୍ଥ ଲାଭ, ଇଂଟରଭ୍ୟୁରେ ସଫଳତା, ବିଦେଶ ଯାତ୍ରା, କଳକାରଖାନାରେ ତ୍ରୁଟି, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ପରୋକ୍ଷ ଶତ୍ରୁତା, ଉପରିସ୍ଥଙ୍କ ଖାପଛଡା କଥା, ପାରିବାରିକ ସମସ୍ୟା, ଭାରାକ୍ରାନ୍ତ ମନ, ଝଟକା ଲାଗିପାରେ।

**ମକର**
ପାରିବାରିକ ସନ୍ଦେହ, ଭୁଲ୍ ବୁଝାମଣାରୁ କଳହ, କର୍ମକ୍ଷେତ୍ରରେ ବିଶୃଙ୍ଖଳା, ସହକର୍ମୀଙ୍କ ଉଦାରତା, ସ୍ୱାସ୍ଥ୍ୟରେ ଉନ୍ନତି, ରଚନାତ୍ମକ କାର୍ଯ୍ୟରୁ ପ୍ରଶଂସା, ସଭାସମିତିକୁ ନିମନ୍ତ୍ରଣ, କାର୍ଯ୍ୟସିଦ୍ଧି, ସାମୟିକ ଆନନ୍ଦ।

**କୁମ୍ଭ**
ଲଘୁକଥାରୁ ଦ୍ୱନ୍ଦ୍ୱ, ଅତିରଞ୍ଜିତ ଆଲୋଚନା, ପାରିବାରିକ ଜଞ୍ଜାଳ, ଦୂରଯାତ୍ରାର ପ୍ରସ୍ତୁତି, ନୂତନ ଯୋଜନାରମ୍ଭ, କଳାକାରଙ୍କୁ ସମ୍ମାନ, ବିଶିଷ୍ଟ ବ୍ୟକ୍ତିଙ୍କ ସାନିଧ୍ୟ, ପ୍ରଶାସନିକ ସଫଳତା, ଯାତ୍ରା ସ୍ଥଗିତ।

**ମୀନ**
ଆରୋଗ୍ୟ ଲାଭ, କାର୍ଯ୍ୟ ଦକ୍ଷତା, ବାଣିଜ୍ୟର ଅଭିବୃଦ୍ଧି, ଚେଷ୍ଟା ସଫଳ, ଦୂର ଯାତ୍ରା, କଠିନ ପରିଶ୍ରମ, ନୂତନ ବନ୍ଧୁ ସମ୍ପର୍କ, ଦୁଶ୍ଚିନ୍ତା ଦୂର ହେବ, ଅନୁସନ୍ଧାନରେ ଅଗ୍ରଗତି, ଗବେଷଣାରେ ସଫଳତା, ସତ୍‌ସଙ୍ଗ, ବନ୍ଧୁମିଳନ, ସନ୍ତାନ ସୌଖ୍ୟ।

# କୋଭିଡ୍ ୧୯ ବାଇକ୍

**କ**ରୋନା ସଂକ୍ରମଣ ବଢି ବଢି ଚାଲିଛି। ତେଣୁ ମଣିଷ ନିଜକୁ ବଞ୍ଚେଇବା ଲାଗି ଘରେ ରହିବାକୁ ବାଧ୍ୟ। ଆଉ ବାହାରକୁ ବାହାରିଲେ ସାମାଜିକ ଦୂରତା ବଜାୟ ରଖିବା ଅନିବାର୍ଯ୍ୟ। ଏହାକୁ ନଜରରେ ରଖି ତ୍ରିପୁରାରେ ରହୁଥିବା ପାର୍ଥ ସାହା ଏଭଳି ଏକ ବାଇକ୍ ତିଆରି କରିଛନ୍ତି, ଯେଉଁଥିରେ ସାମାଜିକ ଦୂରତ୍ୱର ବିଶେଷ ଧ୍ୟାନ ଦିଆଯାଇଛି। ଅର୍ଥାତ୍ ଡବ୍ଲୁଏଚ୍ଓ ନିର୍ଦ୍ଦେଶ ଅନୁଯାୟୀ ସେ ଏହି କଷ୍ଟମ ମେଡ୍ ବାଇକ୍‌କୁ ତିଆରି କରିଛନ୍ତି। ଏହା ଏକ ଇଲେକ୍ଟ୍ରିକ୍ ବାଇକ ଏବଂ ଏହାର ଦୁଇ ସିଟ୍ ମଧ୍ୟରେ(ଚାଳକ ଓ ପଛରେ ବସିଥିବା ବ୍ୟକ୍ତି) ବ୍ୟବଧାନ ରହିଛି ୧ ମିଟରର ଦୂରତା। ପଛରେ ବସିଥିବା ବ୍ୟକ୍ତିଙ୍କ ପାଇଁ ଏକ ହ୍ୟାଣ୍ଡଲ ଅଛି, ଯାହାକୁ ଧରି ସେମାନେ ବସିବେ। ପାର୍ଥ ନିଜର ଏହି ବାଇକ୍‌ର ନାମ 'କୋଭିଡ ୧୯' ରଖିଛନ୍ତି। ଏଥିରେ ସେ ୪୮ ଭୋଲ୍ଟ ବ୍ୟାଟେରି ବ୍ୟବହାର କରିଛନ୍ତି। ପେଟ୍ରୋଲ ଇଞ୍ଜିନ ବଦଳରେ ସେ ୭୫୦ ୱାଟ୍ ଡିସି ମୋଟର ବ୍ୟବହାର କରିଛନ୍ତି। ଏହି ବାଇକ୍ ଏବେ ସୋସିଆଲ୍ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି।



# ପାଠକୀୟ

■ ପ୍ରଚ୍ଛଦ ପ୍ରସଙ୍ଗ 'ଅମୃତ ଅନୁଭବ' ଏକ ଦିବ୍ୟ ଅନୁଭୂତି ପ୍ରଦାନ କଲା। ନୀଳ ଅଣ୍ଡା ଦେଉଥିବା କୁକୁଡା, ନାଁ ନ ଥିବା ରେଳ ଷ୍ଟେଶନ୍ ପାଠ ବହୁତ ଆଶ୍ଚର୍ଯ୍ୟକର ଥିଲା। ସିନେମା ପୃଷ୍ଠାର ସବୁ ବିଷୟ ବହୁତ ଭଲ ଲାଗିଲା। ଛୁଟିଦିନ ଆମର ବହୁତ ପ୍ରିୟ। ତେଣୁ ଆମେ ଏବେବି ଅପେକ୍ଷା କରିଛୁ କେବେ ପୁଣିଥରେ ଏହା ୧୬ ପୃଷ୍ଠାରେ ଆସିବ।

*–ମନୋରମା ବାରିକ, ଆଳି, କେନ୍ଦ୍ରାପଡ଼ା*

■ ପ୍ରଚ୍ଛଦ ପ୍ରସଙ୍ଗ ଉଚ୍ଚକୋଟୀର ଥିଲା। ସୃଜନ ପୃଷ୍ଠାର 'ଖୁସିର ବର୍ଷା' ଗପଟି ବେଶ୍ ମନଛୁଆଁ ହୋଇପାରିଥିଲା। କବିତାଗୁଡ଼ିକ ବି ଭଲ ଲାଗିଲା। କାର୍ଟୁନ କର୍ନର ବହୁତ ମଜାଦାର ଥିଲା। ମଡେଲ ମିରର୍‌ରେ ନନ୍ଦିତା ବେଶ୍ ସୁନ୍ଦର ଲାଗୁଥିଲେ।

*–ଗୌତମ ମହାନ୍ତ, ରେଢ଼ାଖୋଲ, ସମ୍ବଲପୁର*

■ ଚିନ୍ମୟ ଚିନ୍ତନର ବିଷୟଟି ହୃଦୟସ୍ପର୍ଶୀ ଥିଲା। ପ୍ରଚ୍ଛଦ ପ୍ରସଙ୍ଗ ପଢ଼ି ମନ ଭକ୍ତିଭାବରେ ଭରିଗଲା। ଆଖିରେ ଲୁହ ଜକେଇ ଆସିଲା। ହାଃ ହାଃ ପଢ଼ି ମନ ଆନନ୍ଦରେ ଭରିଗଲା। ସୃଜନରେ 'ଖୁସିର ବର୍ଷା' ଗପଟି ବହୁତ ଭଲ ଲାଗିଲା।

*–ସୌମ୍ୟକାନ୍ତ ପଟ୍ଟନାୟକ, ନୂଆଗାଁ*

■ 'ନୀଳ ଅଣ୍ଡା' ପାଠଟି ବେଶ୍ ଆଶ୍ଚର୍ଯ୍ୟକର ଥିଲା। ପ୍ରଚ୍ଛଦ ପ୍ରସଙ୍ଗ ପଢ଼ି ମୋର ବି ସେମିତି କିଛି ଅନନ୍ୟ ଅନୁଭୂତି ମନେ ପଡ଼ିଗଲା। ବିବିଧା ପୃଷ୍ଠାରେ ଡ୍ରୋନ୍‌ରୁ ତିଆରି ହେଲିକପ୍ଟର ବିଷୟଟି ବହୁତ ଭଲ ଲାଗିଲା।

*– ପୁଷ୍ପାଞ୍ଜଳି ଚୌଧୁରୀ, ଛତ୍ରପୁର, ଗଞ୍ଜାମ*

■ ସିନେମା ପୃଷ୍ଠାର 'ଏକାଥରେ ଦୁଇ କପ୍ ଚା' ପାଠଟି ବହୁତ ଭଲ ଲାଗିଲା। ଏଥର ମଡେଲ ମିରର୍‌ରେ ଫଟୋଟି ବେଶ୍ ଆକର୍ଷକ ଥିଲା। କାର୍ଟୁନ କର୍ନର ବି ମଜାଦାର ଥିଲା। ବିବିଧାର ପାଠଟି ବି ଭଲ ଲାଗିଲା।

*–ମନୋଜ ଗୌଡ଼, ଖଣ୍ଡପଡ଼ା*

■ ପ୍ରଚ୍ଛଦ ପ୍ରସଙ୍ଗ, ସୃଜନ ଓ ବ୍ୟାକ୍‌ପେଜ୍ ବହୁତ ଭଲ ଲାଗିଲା। ମଡେଲ ମିରର୍‌ରେ ମୋ ଝିଅ ବି ଫଟୋ ଦେବାକୁ ଚାହୁଁଛି। କେମିତି ଦେବ ଜଣେଇବେ। ହାଃ ହାଃ ପଢ଼ି ହସି ହସି ଗଡ଼ିଗଲୁ।

*–ସାବିତ୍ରୀ ପ୍ରଧାନ, ବୁଗୁଡ଼ା*

■ ପ୍ରଚ୍ଛଦ ପ୍ରସଙ୍ଗ 'ଅମୃତ ଅନୁଭବ' ପଢ଼ି ମୁଁ ଭାବବିହ୍ୱଳ ହୋଇଗଲି। ସୃଜନର ଗପ, କବିତାଗୁଡ଼ିକ ବି ବେଶ୍ ମନଛୁଆଁ ହୋଇଥିଲା। କାର୍ଟୁନ କର୍ନର, ହାଃ ହାଃ ମନ ହାଲୁକା କରିଦେଲା। ଚିନ୍ମୟ ଚିନ୍ତନ ବି ଭଲ ଲାଗିଲା।

*– ସମ୍ବିତ ନାୟକ, ସୋର*

■ ପ୍ରତି ରବିବାର ଆମେ ଚାହିଁ ରହିଥାଉ ଛୁଟିଦିନକୁ। ତା'ର ସବୁ ପୃଷ୍ଠା ବେଶ୍ ମନଛୁଆଁ ଓ ପଠନୀୟ ହୋଇଥାଏ। ଏଥର ବି ସବୁ ପୃଷ୍ଠା ଭଲ ଲାଗିଲା। ପ୍ରଚ୍ଛଦ ପ୍ରସଙ୍ଗ ବେଶ୍ ଉଚ୍ଚକୋଟୀର ଥିଲା।

*–ସୁରଜ ପଢ଼ିହାରୀ, ଅନୁଗୋଳ*

## ବିଶେଷ ଚିଠି




**କେ**ତେ ରଙ୍ଗ ନେଇ ଆସେ ଛୁଟିଦିନ
ତାକୁ ଦେଖି ମନ ହୁଅଇ ଉଚ୍ଛନ୍ନ।
ସବୁ ପୃଷ୍ଠା ଲାଗେ ନିଆରା ନିଆରା
ପଢ଼ିଲେ ଭୁଲିଯାଉ ଦୁନିଆ ସାରା।
ଏମିତି ଆସୁଥାଉ ସବୁ ରବିବାରେ
ମନ ମୋହୁଥାଉ ଆମ ଛୁଟିଦିନ।।


**–ମୋନା, ଚୁନି, ସୀମା, ଯାଜପୁର**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ସଜା ନା ମଜା





**ଅପରାଧ ଛୋଟ ହେଉ ବା ବଡ଼ ସେହି ଅନୁପାତରେ ଦଣ୍ଡବିଧାନ ନିଶ୍ଚିତ। ଇତିହାସରେ ଅତି ଲୋମଟାଙ୍କୁରା ଦଣ୍ଡ ବ୍ୟବସ୍ଥାର ନଜିର ରହିଛି। ତେବେ ଏମିତି ବି କେତେକ ଘଟଣା ଅଛି ଯେଉଁଠି ଏଭଳି କିଛି ଦଣ୍ଡ ଦିଆଯାଇଛି, ଯାହାକୁ ଶୁଣିବାମାତ୍ରେ ଆମେ ଭୟରେ ତ ଥରିବା ନାହିଁ; ଓଲଟି କହିବା 'ଇଏ କିପରି ଦଣ୍ଡ' ସଜା ନା ମଜା...**

ଅପରାଧ ପାଇଁ ଦଣ୍ଡବିଧାନ ଏକ ଅତି ପୁରାତନ ଶୃଙ୍ଖଳା। ଏହା କେବେ ତଥା କେଉଁଠି ଆରମ୍ଭ ହେଲା ତାହାର କୌଣସି ଠିକ୍ ଠିକଣା ନାହିଁ। ତେବେ ମଣିଷ ସୃଷ୍ଟି ସମୟରୁ ଏହା ଚାଲିଆସିଛି। ଅପରାଧ ଛୋଟ ହେଉ ବା ବଡ଼ ସେହି ଅନୁପାତରେ ଦଣ୍ଡବିଧାନ ନିଶ୍ଚିତ। ତେଣୁ ଏକଥା କୁହାଯାଇପାରିବ ଯେ, ଏମିତି କୌଣସି ଅପରାଧ ଘଟିନାହିଁ ଯେଉଁଠି ଅପରାଧୀକୁ ଦଣ୍ଡ ମିଳିନାହିଁ। ଇତିହାସରେ ଅତି ଲୋମଟାଙ୍କୁରା ଦଣ୍ଡ ବ୍ୟବସ୍ଥାର ନଜିର ରହିଛି। ତେବେ ଏମିତି ବି କେତେକ ଘଟଣା ଅଛି ଯେଉଁଠି ଏଭଳି କିଛି ଦଣ୍ଡ ଦିଆଯାଇଛି, ଯାହାକୁ ଶୁଣିବାମାତ୍ରେ ଆମେ ଭୟରେ ତ ଥରିବା ନାହିଁ; ଓଲଟି 'ଇଏ କିପରି ଦଣ୍ଡ' ବୋଲି ଆଶ୍ଚର୍ଯ୍ୟ ହୋଇ ମନକୁମନ ପଚାରିବା। ହୁଏତ ଆମ ଓଠରେ ହସ ମଧ୍ୟ ଆସିଯାଇପାରେ। ଏହାସତ୍ତ୍ୱେ ସେହିସବୁ ଅଜବ ଦଣ୍ଡବିଧାନ ଏବେ ମଧ୍ୟ ସମୟର ପୃଷ୍ଠାରେ ସାଇତା ହୋଇ ରହିଆସିଛି।

**ହରିଣ ଶିକାରୀକୁ କାର୍ଟୁନ ସଜା:** ଏହି ଘଟଣାଟି ୨୦୧୮ରେ ଆମେରିକାରେ ଘଟିଥିଲା। ଆମେରିକାର ମଧ୍ୟ-ପଶ୍ଚିମ ଅଞ୍ଚଳର ଏକ ରାଜ୍ୟ ମିସୌରୀ। ଏହି ଅଞ୍ଚଳର ଘଞ୍ଚ ଜଙ୍ଗଲରେ ଅନେକ ହରିଣ ଦେଖିବାକୁ ମିଳନ୍ତି। ସେଠାରେ ହରିଣ ଶିକାରକୁ ବେଆଇନ ଘୋଷଣା କରାଯାଇଥିଲା। ସେହି ମିସୌରୀର ଜଣେ ବ୍ୟକ୍ତି ହେଉଛନ୍ତି ଡେଭିଡ୍ ବେରୀ। ସେ ହରିଣ ଶିକାରୀ ଥିଲେ। ଆଇନକୁ ଫାଙ୍କି ସେ ହରିଣ ଶିକାର କରୁଥିଲେ ଏବଂ ଖସି ଯାଉଥିଲେ। ତାଙ୍କୁ ଧରିବା ସହଜ ନଥିଲା। ତେବେ ଦିନେ ଧରାପଡ଼ିଲେ ଡେଭିଡ। ସମସ୍ତେ ଭାବିଥିଲେ ଡେଭିଡ୍‌ଙ୍କୁ ମିସୌରୀ କୋର୍ଟ ଖୁବ୍ ବଡ଼ ସଜା ଦେବେ। ବିଚାର ହେଲା। ବିଚାରରେ ଡେଭିଡ୍‌ଙ୍କୁ ୧୨୦ଦିନ ଜେଲରେ ରହିବା ପାଇଁ କୁହାଗଲା। ତେବେ କଥା ସେଇଠି ସରିଗଲା ନାହିଁ। ବିଚାରପତି ନିର୍ଦ୍ଦେଶଦେଲେ ଯେ, କୋର୍ଟରେ ଥିବା ବେଳେ ମାସକୁ ଅନ୍ତତଃ ଥରେ ସେ ଡିଜ୍‌ନୀ କାର୍ଟୁନ୍ 'ବାମ୍ବି' ଦେଖିବେ। ଆଉ ଏହା ହେଉଛି ବାଧ୍ୟତାମୂଳକ। ବିଚାରପତିଙ୍କ ଏପରି ଅଜବ ସଜା ସମସ୍ତଙ୍କୁ କିଛି ସମୟ ପାଇଁ ହତବାକ କରିଦେଇଥିଲା।

**ପକେଟ୍ ମନି :** ଏହି ଘଟଣାଟି ଘଟିଥିଲା ସ୍ପେନ୍‌ରେ। ସ୍ପେନ୍‌ର ଏକ ସ୍ଥାନ ଆଣ୍ଡାଲୁସିଆ। ଜଣେ ପଚିଶ ବର୍ଷୀୟ ଯୁବକ ଦିନେ କୋର୍ଟରେ ଏକ ମାମଲା ରୁଜୁ କଲେ ଯେ, ତାଙ୍କ ମା'ବାପା ତାଙ୍କୁ ପକେଟ୍ ମନି ଦେଉନାହାନ୍ତି। ମାନ୍ୟବର ଅଦାଲତ ତାଙ୍କୁ ନ୍ୟାୟ ଦିଅନ୍ତୁ। କୋର୍ଟ ପକ୍ଷରୁ ତାଙ୍କ ମା'ବାପାଙ୍କୁ ଡକାଗଲା। ମା'ବାପାଙ୍କଠାରୁ ସମସ୍ତ ବୟାନ ରେକର୍ଡ କରାଗଲା। ରାୟ ଘୋଷଣା କରିବାର ଦିନ ଆସି ପହଞ୍ଚିଲା। କୋର୍ଟରେ ଖଚାଖଚ୍ ଭିଡ଼। ସମସ୍ତଙ୍କର ଅପେକ୍ଷା ଏଭଳି ଏକ ମାମଲାର କି ରାୟ ଆସିବ। କୋର୍ଟ ରାୟ ଘୋଷଣା କରି କହିଲେ ଯେ, ଏ ଘଟଣାରେ ଯୁବକ ଦୋଷୀ। କାରଣ ତାଙ୍କ ବୟସ ହୋଇଯାଇଥିବା ସତ୍ତ୍ୱେ ସେ ରୋଜଗାର ନ କରି ମା'ବାପାଙ୍କଠୁ ପକେଟ ମନି ନେଉଛନ୍ତି। ତେଣୁ ତାଙ୍କ ଦଣ୍ଡ ହେଉଛି ସେ ଗୋଟିଏ ମାସ ମା'ବାପାଙ୍କଠୁ ଦୂରେଇ ରହିବେ। ଏହି ଗୋଟିଏ ମାସ ତାଙ୍କ ମା'ବାପା ତାଙ୍କୁ ପଇସାଟିଏ ସୁଦ୍ଧା ଦେବେନି। ସେ ନିଜେ ରୋଜଗାର କରି ଚଳିବେ।

**ସଜାରେ ମିଳିଲା ପ୍ରାର୍ଥନା :** ଆମେରିକାର ଓକ୍‌ଲାହୋମା। ଟାଇଲର ଏଲରେଡ଼ ନାମକ ଜଣେ କିଶୋର ନିଶାପାନ କରି ଗାଡ଼ି ଚଳାଉଥିଲେ। ଦୁର୍ଘଟଣା ଘଟିଲା। ଦୁର୍ଘଟଣାରେ ଅବଶ୍ୟ ଟାଇଲର ବର୍ତ୍ତିଗଲେ। ପଛରେ ବସିଥିବା ତାଙ୍କର ଜଣେ ସାଙ୍ଗଙ୍କର ମୃତ୍ୟୁ ହେଲା। ସେହି ଘଟଣାରେ ଆଉ କିଛି ଲୋକ ମଧ୍ୟ ମୃତାହତ ହୋଇଥିଲେ। ଘଟଣାଟି ଅଦାଲତକୁ ଗଲା। କିଛିଦିନ ବିଚାର ଚାଲିଲା। ସେତେବେଳକୁ ଟାଇଲର ଜଣେ ନାବାଳକ। ନାବାଳକ ହେଲେ ବି ତାଙ୍କ ନାମରେ ସଙ୍ଗିନ ମାମଲା। କାରଣ ସେ ମଦ ସହିତ ନିକୋଟିନ୍ ନେଇ ଗାଡ଼ି ଚଳାଉଥିଲେ। ଡ୍ରଗ୍ସ ସାଙ୍ଗକୁ ହତ୍ୟା। ବିଚାରପତି ତାଙ୍କର ରାୟ ଘୋଷଣା କଲେ। ରାୟରେ କୁହାଗଲା ଯେ, ଟାଇଲର ଏବେ ହାଇସ୍କୁଲର ଛାତ୍ର। ତାଙ୍କ ପାଇଁ ସଜା ହେଉଛି ସେ ଭଲରେ ପାଠ ପଢ଼ିବେ। ପରୀକ୍ଷାରେ ଭଲ ରେଜଲ୍ଟ କରିବେ। ଆଉ ୧୦ବର୍ଷ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଚର୍ଚ୍ଚ ଯାଇ ପ୍ରାର୍ଥନା କରିବେ।


**ସଜା ଶାସ୍ତ୍ରୀୟ ସଙ୍ଗୀତ :** ଏହି ଘଟଣାଟି ବିବିସିରେ ପ୍ରକାଶିତ ହୋଇ ବେଶ୍ ଚର୍ଚ୍ଚାର ଖୋରାକ ସୃଷ୍ଟି କରିଥିଲା। ଏଣ୍ଡ୍ରୁ ଭେକ୍ଟର ଜଣେ ର୍‌ୟାପ୍ ସଙ୍ଗୀତପ୍ରେମୀ ଯୁବକ। ସେ କାର ଚଳେଇବା ବେଳେ ସଙ୍ଗୀତ ଶୁଣିବାକୁ ଭଲପାଆନ୍ତି। ଆଉ ଯେତେବେଳେ ବି ଗୀତ ଶୁଣନ୍ତି ବହୁତ ଉଚ୍ଚା ଆୱାଜ୍‌ରେ ଶୁଣନ୍ତି। ତାଙ୍କ ବିରୋଧରେ କେହିଜଣେ ଯାଇ ଅଦାଲତରେ ଅଭିଯୋଗ କରିଦେଲା। ବିଚାରପତି ଏହା ଶୁଣି ତାଙ୍କୁ ଦଣ୍ଡ ଦେଲେ ଯେ, ସେ ଆଉ ର୍‌ୟାପ୍ ସଙ୍ଗୀତ ଶୁଣିବେନି। ତାଙ୍କୁ ଏବେଠୁ ଶାସ୍ତ୍ରୀୟ ସଙ୍ଗୀତ ଶୁଣିବାକୁ ହେବ।

**ଗଧ ସହିତ ଯୁବକ :** ୨୦୦୩ରେ ଚିକାଗୋର ଜଣେ ଯୁବକ କ୍ରିସ୍‌ମସ୍ ସନ୍ଧ୍ୟାରେ ଏକ ଚର୍ଚ୍ଚରୁ ଯିଶୁଙ୍କ ମୂର୍ତ୍ତି ଚୋରି କରିନେଇଗଲା। ଘଟଣା ଯାଇ ପହଞ୍ଚିଲା ଅଦାଲତରେ। ବାସ୍ତବିକ ଏହା ଏକ ସଙ୍ଗିନ ମାମଲା ଥିଲା। ସମସ୍ତେ ରାୟକୁ ଅପେକ୍ଷା କରିଥିଲେ। ତେବେ ଯେଉଁ ରାୟ ମିଳିଲା ସେଥିରେ ସମସ୍ତେ ଚକିତ ହୋଇଗଲେ। ବିଚାରପତି ରାୟ ଦେଲେ ଯେ, ଯୁବକ ଜଣକ ଗୋଟିଏ ମାସ ପର୍ଯ୍ୟନ୍ତ ଗଧ ସହିତ ରହିବେ।







ବ୍ୟଙ୍ଗକବିତା

## କରୋନା କରୁଣା

–ଡ. କୁଳାଙ୍ଗାର

ଏକଦମ୍ ବ୍ୟସ୍ତ ମଣିଷମାନେ
ଏବେ ଘରେ ବସିଛନ୍ତି ଫାଙ୍କା ;
ନ ଖଟିବା ଲୋକେ ଖଟୁଛନ୍ତି
ଚାକରାଣୀର ନାହିଁ ଯେଣୁ ଦେଖା !

ଅନେକ ଘୋଡ଼ା ମଦୁଆଙ୍କର
ଅଭ୍ୟାସରେ ପଡ଼ି ଯାଇଛି ମଦ ନ ପିଇବା ;
ଦରବୃଦ୍ଧିକୁ ଚାହିଁ ମନ ଚାହୁଁଛି
ଆଜି ଥାଉ କାଲି କି ଦେଖିବା ।

ଦୂର ହୋଇଛି କଳା ଗୋରା
ସୁନ୍ଦରୀ ବାନ୍ଦେରୀ ଭେଦଭାବ ;
ସଭିଙ୍କ ମୁହଁରେ ମୁଖା
ଭିତର ମୁହଁକୁ ଏବେ କିଏ ବା ଦେଖିବ ?

ଅଯଥାରେ ଗଡୁନି ଗାଡ଼ି
ରାସ୍ତା ଦୁର୍ଘଟଣା କମି ଯାଇଛି ;
ପିଲାଛୁଆ ଧରି ବହୁଦିନ ପରେ ପୁଅ
ବିଦେଶରୁ ଘରକୁ ଫେରିଛି !

ଭିତରେ ଭିତରେ ବଢିଚାଲିଚି ପ୍ରେମ
କଟକଣା ରୋକିପାରୁନି ତାକୁ ;
ଅନ୍‌ଲାଇନ୍ ସୁବିଧା ସହ ଚିହ୍ନି ହୁଏନି
କିଏ କେତେବେଳେ ଯାଏ କା ପାଖକୁ !

ମୋ–୮୮୯୫୮୨୫୮୬୩

# ନିଜ ଘର

–ଦେବସ୍ମିତା ବେହେରା

ଘର ଭିତରକୁ ପଶୁ ପଶୁ ଅରୁପ ଯେତେବେଳେ ଗୁଡୁକୁ କାନ୍ଥରେ ପେନ୍‌ସିଲ୍‌ରେ କିଛିଟା ଆଙ୍କୁଥିବାର ଦେଖିଲା ସେତେବେଳେ ତା'ର ପିତ୍ତ ଚଢିଗଲା ମୁଣ୍ଡ ଉପରକୁ । ରାଗରେ ସେ ପୂରା ଫଁ..ଫଁ ହେବାକୁ ଲାଗିଲା । ଆଉ ମୁହୂର୍ତ୍ତଟେ ବି ବିଳମ୍ବ ନ କରି ସିଧା ଯାଇ ଠାଏକିନା ଚଟ୍‌କଣାଟେ ବଜେଇ ଦେଲା ତା'ର ନରମ ନରମ ଗାଲରେ । ବିଚରା ଗୁଡୁ । ଏମିତି ଅତର୍କିତ ଆକ୍ରମଣରେ ସ୍ତବ୍ଧ ହେଇଗଲା ସେ କ୍ଷଣକ ପାଇଁ, ତା'ପରେ ଗାଲକୁ ଆଉଁସି ଭେଁ କିନା ରଡି କରି କାନ୍ଦିଲା ଆଉ ଦଉଡିକି ଯାଇ ଗଡି ପଡିଲା ଜେଜେ ସଚ୍ଚିଦାନନ୍ଦଙ୍କ କୋଳରେ । ହଠାତ୍ ରୁମ୍ ଭିତରକୁ ରୂପାଲୀ ପଶି ଆସି ଅରୁପକୁ ପାଟି କଲେ ଗୁଡୁକୁ କାହିଁକି ମାରିଲ । ସ୍ତ୍ରୀଙ୍କ କଥା ଶୁଣି ଅରୁପର କ୍ରୋଧରେ ସତେ ଯେମିତି ନିଆଁରେ ଘିଅ ଢାଳି ଦେଲା କିଏ । ସେ ରାଗରେ ରୂପାଲୀକୁ ଦି'ପଦ ଶୁଣେଇ ଦେଇ ଟିକିଏ ଏକୁଟିଆ ଛାଡି ଦେବା ପାଇଁ କହି ଧମ୍ କରି ବସି ପଡିଲା ସୋଫାରେ । ତା'ପରେ ଆଖି ବନ୍ଦ କରି ସେ ଫେରିଗଲା ଅତୀତକୁ...ତା' ପିଲାଦିନର ଗଳି କନ୍ଦିକୁ । ପିଲାଟି ଦିନରୁ ଅରୁପ ରହି ଆସିଥିଲା ଭଡା ଘରେ । ସବୁବେଳେ ବାପା ମା'ଙ୍କ ତାଗିଦ ଭିତରେ ବିତିଗଲା ତା'ର ଆଉ ତା' ଦୁଇ ଭଉଣୀଙ୍କ ଅଧା ଜୀବନ, ଏମିତି କଟିଥିଲା– ଭଡା ଘର କାନ୍ଥରେ କିଛି ଲେଖନି, ଟାଇଲ୍ ଉପରେ ଜୋର୍‌ରେ ଡିଅଁନି, କାଚ ଝରକା ଜୋର୍‌ରେ ଖୋଲନି..., ଘର ଭିତରେ ଖେଳନି...ଏବଂ ଆହୁରି କେତେ କ'ଣ ? ସେ ସବୁବେଳେ ମନେ ମନେ ଭାବେ ସେ ବଡ ହେଲେ ନିଜର ଗୋଟିଏ ଘରଟିଏ କରି ଆରାମରେ ରହିବ... ଯେଉଁଠି କିଛି କଟକଣା ନ ଥିବ । ସେ ସବୁକିଛି କରିପାରିବ ସ୍ୱଚ୍ଛନ୍ଦରେ । ତେଣୁ ଗ୍ରାଜୁଏଶନ୍ କଲା ପରେ ସେ ଚାକିରି କରିବା ଆରମ୍ଭ କରିଦେଲା । ଟିକିଏ ଟିକିଏ ଟଙ୍କା ଜମା କରିବାକୁ ଲାଗିଲା ସେ । ଯେତେବେଳେ ସେ ତା' ଚାକିରିରେ ଗୋଟିଏ ଭଲ ପଦବୀରେ ପହଞ୍ଚିଥିଲା । ଆଉ ତା' ଜମା ଟଙ୍କା ମଧ୍ୟ ଆଖି ଦୃଶିଆ ହୋଇ ସାରିଥିଲା । ସେତେବେଳେ ତାକୁ ଲାଗିଲା କି ଏବେ ସେ ଘରଟିଏ ନିଶ୍ଚୟ କରିପାରିବ । ତା' ବାପା ସଚ୍ଚିଦାନନ୍ଦ ବାବୁ ତାଙ୍କ ଚାକିରି କାଳ ଭିତରେ ଘରଟିଏ କରିବାରେ ସକ୍ଷମ ହେଇ ପାରି ନ ଥିଲେ । ତେଣୁ ସେ ସଚ୍ଚିଦାନନ୍ଦଙ୍କର ରିଟାୟରମେଣ୍ଟ ଲବ୍ଧ ଅର୍ଥରୁ କିଛି ନିଜ ଜମା ଅର୍ଥରେ ମିଶାଇ କିଣିଲା ଏଇ ଘରଟିକୁ । ପ୍ରାୟ ଛଅ ମାସ ତଳେ ସେ କିଣିଥିଲା ଘରଟିକୁ । ଯେତେବେଳେ ସେ ଭଡା ଘରେ ଥିଲା ସେତେବେଳେ ସେ ତା'ର ଚାରି ବର୍ଷର ପୁଅକୁ ମଧ୍ୟ ତାଗିଦ୍ କରୁଥିଲା ସେମିତି, ଯେମିତି ପିଲାଦିନେ ତାକୁ ତା' ବାପା ମା' ତାଗିଦ୍ କରୁଥିଲେ । ହଠାତ୍ ତା'ର ମନେ ପଡିଗଲା ଗୃହ ପ୍ରବେଶ ଦିନର ଦୃଶ୍ୟ । କେତେ ନିରୀହ ଭାବରେ ଗୁଡୁ ପଚାରିଥିଲା, 'ଡାଡି...,ମୁଁ ଏବେ ଏଇ ଘରେ ମନଇଚ୍ଛା ଖେଳିପାରିବି ତ' ?

ତା' କଥା ଶୁଣି ହସି ହସି କହିଥିଲା ଅରୁପ, 'ହଁ...ବାବା,ଏଇଟା ତୋ ନିଜ ଘର । ଏଇଠି ତୋର ଯାହା ଇଚ୍ଛା ତାହା କରିବୁ । ତତେ କେହି କିଛି କହିବେନି' । ସତେ ଯେମିତି କଣ୍ଟାଟିଏ ଫୋଡି ହୋଇଗଲା ତା' ଛାତିରେ । ତାକୁ ବହୁତ ଖରାପ ଲାଗିଲା । ହଁ...ନୂଆ ଘରଟାର କାନ୍ଥରେ ଗୁଡୁକୁ ଚିତ୍ର କରିବାର ଦେଖି ତା' ଦେହରେ ନିଆଁ ଲାଗି ଯାଇଥିଲା । ହେଲେ ଏଥିରେ ଗୁଡୁର ଭୁଲ୍ କ'ଣ ? ଏଇଟା ତ ତା' ନିଜ ଘର । ସେ ନିଜ ଘର କାନ୍ଥରେ ଚିତ୍ର ଆଙ୍କି ବନି ତ କ'ଣ ପଡିଶା ଘର କାନ୍ଥରେ ଚିତ୍ର ଆଙ୍କିବ ? ସେ ନିଜେ ହିଁ ତ ତାକୁ କହିଥିଲା ଯାହା ଇଚ୍ଛା ତାହା କରିବା ପାଇଁ। ସେ ମନସ୍ତାପ କରିବାକୁ ଲାଗିଲା ଗୁଡୁକୁ ମାରିଥିବା ପାଇଁ । ତା' ରାଗ ୟା ଭିତରେ ଶାନ୍ତ ହୋଇ ଯାଇଥିଲା । ସେ ସୋଫାରୁ ଉଠି କାନ୍ଥ ପାଖକୁ ଗଲା, ଯେଉଁଠି କିଛି ସମୟ ପୂର୍ବରୁ ଚିତ୍ର ଆଙ୍କୁଥିଲା । ସେ ଦେଖିଲା କାନ୍ଥରେ ଗୁଡୁ ତା'ର ଚିତ୍ର କରି ତଳେ ଲେଖିଛି, 'ମାଇଁ ଡାଡି ଇଜ୍ ବେଷ୍ଟ' । ନିଜକୁ ଆଉ ସମ୍ଭାଳି ପାରିଲାନି ଅରୁପ ! ଦଉଡି ଯାଇ କୋଳେଇ ନେଲା ଗଡୁକୁ ।

*–ୟୁନିଟ୍ ୯ (ଫ୍ଲାଟ୍), ବାୟାବାବା ମଠ ଲେନ୍,*
*ଭୁବନେଶ୍ୱର ୨୨, ମୋ–୯୯୩୮୩୯୫୫୩୭*



## ତୁମେ...

–ଲିପିନ ରାଉତ

୧
ତୁମ ବିସ୍ତାରିତ
ନୟନରେ ମୁଁ ,
କାଣିଚାଏ ସ୍ୱପ୍ନ

ତଥାପି ମୁଁ
ଚିର କାଳ ଖୁସି,
ତୁମଠାରେ

ମୋ ସ୍ଥିତି ଓ
ଅସ୍ତିତ୍ୱକୁ ନେଇ... ।

୨
ଗୋଟେ ଦୀର୍ଘ ତୃଷ୍ଣାରୁ ମୁକ୍ତି
ତୁମ ପ୍ରେମର କେବଳ
ଟୋପାଏ ଜଳବିନ୍ଦୁ,

ସମୟ ମୋ ପାଇଁ ବଇରି
ସଜାଡୁଛି ଆଶ୍ୱାସନାର
ମିଛ ମରୀଚିକା,

କାଳେ ତୁମେ
ଫେରିବ,
ଅଦିନିଆ ମେଘଟିଏ ହୋଇ
ଆଜି ବି ମୁଁ ଅପେକ୍ଷା ରତ... ।

–ମଦନପୁର, କେନ୍ଦୁଝର
ମୋ:୭୦୦୮୯୮୦୧୯୬

# କଷ୍ଟ୍ୟୁମ ପାଇଁ..

ମଧୁର ଭଣ୍ଡାରକରଙ୍କ ନିର୍ଦ୍ଦେଶିତ 'ହିରୋଇନ୍'କୁ ଥରେ ମନେ ପକାନ୍ତୁ ନା ! ୨୦୧୨ରେ ପରଦା ଉପରକୁ ଆସିଥିବା ଏହି ଫିଲ୍ମଟି ହିଟ୍ ହୋଇଥିଲା । କେବଳ ସେତିକି ନୁହେଁ, ଏହି ସିନେମାର 'ମାହି ଆରୋରା' ଚରିତ୍ର ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିଥିଲା । ଏହି ଭୂମିକାରେ କିଏ ଅଭିନୟ କରିଥିଲେ ତାହା ସୂଚନା ଦେବା ବାହୁଲ୍ୟ ହେବ । ହଁ, ସେ ହେଲେ କରୀନା କପୁର । ଏହି ଫିଲ୍ମର ଅନ୍ୟତମ ଚର୍ଚ୍ଚାର ବିଷୟ ଥିଲା କଷ୍ଟ୍ୟୁମ । ଏଥିରେ କରୀନା ୧୩୦ ପ୍ରକାର କଷ୍ଟ୍ୟୁମ ପିନ୍ଧିଥିଲେ, ଯେଉଁଗୁଡ଼ିକ ବେଶ୍ ଦାମୀ ଥିଲା । କେବଳ ସେତିକି ନୁହେଁ, ଏଗୁଡିକୁ ଡିଜାଇନ୍ କରିବା ପାଇଁ ସମଗ୍ର ବିଶ୍ୱର ନାମୀ କଷ୍ଟ୍ୟୁମ ଡିଜାଇନର୍‌ଙ୍କୁ ନିୟୋଜିତ କରିଥିଲେ ନିର୍ଦ୍ଦେଶକ । ଶୁଣିବାକୁ ମିଳେ ଯେ ଏହି ଫିଲ୍ମ ପାଇଁ ସ୍ଥିରୀକୃତ ବଜେଟର ୬୦ ଭାଗ କରୀନାଙ୍କର କଷ୍ଟ୍ୟୁମ ପାଇଁ ଖର୍ଚ୍ଚ ହୋଇଥିଲା । 'ହିରୋଇନ୍'ରେ କରୀନାଙ୍କ ବ୍ୟତୀତ ଅର୍ଜୁନ ରାମପାଲ ଏବଂ ରଣଦୀପ ହୁଡା ମଧ୍ୟ ଅଭିନୟ କରିଥିଲେ ।


କରୀନା

## ଅପେକ୍ଷାରେ ବିଭାସ

କଥାରେ ଅଛି ଅପେକ୍ଷା ଫଳ ମିଠା । ତେବେ ଏଥିପାଇଁ ଧୈର୍ଯ୍ୟର ଆବଶ୍ୟକତା ରହିଛି । ଦେଖୁନାହାନ୍ତି ନିଜ ମନଲାଖି ଭୂମିକାଟିଏ ପାଇଁ ଅପେକ୍ଷା କରିବାକୁ ସେ କେମିତି ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଲେଣି । ହଁ, ସେ ହେଲେ ବିଶ୍ୱଜିତ୍ ରାଉତ ଓରଫ ବିଭାସ । ୨୦୧୬ରେ ନିର୍ମିତ 'ଉଇ ଆର୍ ଇନ୍ ଲଭ୍'ରେ ତାଙ୍କୁ ବ୍ରେକ୍ ମିଳିଥିଲା । ତା'ପରେ ଓଡ଼ିଆ ଚଳଚ୍ଚିତ୍ର 'ମନର ମାନସୀ', 'ଏ ଦିଲ୍ ତତେ ଦେଲି'ରେ ନିଜ ଅଭିନୟ ଦକ୍ଷତାର ପରିଚୟ ସେ ଦେଇସାରିଛନ୍ତି । ତେବେ ନିଜ ଭବିଷ୍ୟତ ଯୋଜନା ସମ୍ପର୍କରେ ବିଭାସ କହନ୍ତି, ''ଜଣେ ଅଭିନେତା ସବୁବେଳେ ଭଲ ଭୂମିକାଟିଏ ଖୋଜୁଥାଏ । ଏପରି ଏକ ଆଶା ମୋର ମଧ୍ୟ ରହିଛି । କେବଳ ସମୟକୁ ହିଁ ଅପେକ୍ଷା । ଏବେ ମୋର ଦୁଇଟି ସିନେମା 'ଜଙ୍ଗଲ ରାଜ୍' ଏବଂ 'ଲାଲ୍‌ପାନ ବିବି' ରିଲିଜ ଅପେକ୍ଷାରେ ରହିଛି । ତେବେ ମୋ ମନ ପସନ୍ଦର ଭୂମିକାଟିଏ ପାଇବାକୁ ମୁଁ ନିଶ୍ଚୟ ଅପେକ୍ଷା କରିବି ।'' ଭୁବନେଶ୍ୱର ଅଗ୍ରଣୀ ଥିଏଟର ଗ୍ରୁପ୍ 'ଅଜିତ୍'ର ସେ ଜଣେ ସଦସ୍ୟ ଭାବରେ ଏ ପର୍ଯ୍ୟନ୍ତ ୨୦ଟି ନାଟକରେ ଅଭିନୟ କରିସାରିଛନ୍ତି । ଏହାବ୍ୟତୀତ କେତୋଟି ମ୍ୟୁଜିକ୍ ଆଲବମ୍‌ରେ ମଧ୍ୟ ସେ ଆକ୍ଟିଂ କରିଛନ୍ତି । ତେବେ ବିଭାସଙ୍କ ବଡ଼ ବ୍ରେକ୍ ଆଶା କେବେ ପୂରଣ ହେଉଛି ତାହା ଦେଖିବାକୁ ବାକି ରହିଲା ।


ବିଭାସ

## ଛାଡ଼ିକି ବ୍ୟାଡମିଣ୍ଟନ ନିଶା

ଅଭିନୟ ଲାଇନରେ ଏଣ୍ଟ୍ରି କରିବା ପୂର୍ବରୁ ଦୀପିକା ଜଣେ ବ୍ୟାଡମିଣ୍ଟନ ଖେଳାଳି ଥିଲେ । ପିତା ତଥା ଭାରତର ନାମୀ ବ୍ୟାଡମିଣ୍ଟନ ପ୍ଲେୟାର ପ୍ରକାଶ ପାଦୁକୋନ୍‌ଙ୍କୁ ରୋଲ୍ ମଡେଲ କରି ସେ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରି ସଫଳତା ହାସଲ କରିଥିଲେ । ହେଲେ ଯେତେବେଳେ ସେ ଦଶମ ଶ୍ରେଣୀରେ ପଢୁଥିଲେ ସେତେବେଳେ ଅଭିନେତ୍ରୀ ହେବାର ନିଶା ତାଙ୍କୁ ଘାରିଥିଲା । ଏପରି କି ସେତେବେଳେ ଯେଉଁ ଫିଲ୍ମ ରିଲିଜ ହେଉଥିଲା ତାହାକୁ ଯେମିତି ହେଲେ ସେ ଦେଖୁଥିଲେ । ଆକ୍ଟିଂ ପୂର୍ବରୁ ଦୀପିକା ମଡେଲିଂ କରୁଥିଲେ । ଚାରିବର୍ଷ ଅକ୍ଳାନ୍ତ ପରିଶ୍ରମ କରି ସେ ନିଜକୁ ଜଣେ ନାମୀ ମଡେଲ ଭାବରେ ପରିଚିତ କରାଇଥିଲେ । ସେହି ସମୟରେ ଏକ ସାବୁନ୍‌ର ବିଜ୍ଞାପନରେ କାମ କରିବା ପରେ ରାତାରାତି ତାଙ୍କର ଭାଗ୍ୟ ବଦଳି ଯାଇଥିଲା । ଦୀପିକାଙ୍କ ଅଭନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଓମ୍ ଶାନ୍ତି ଓମ୍' । ତାଙ୍କ ଅଭିନୀତ '୮୩' ରିଲିଜ ଅପେକ୍ଷାରେ ରହିଛି ।


ଦୀପିକା

## କଥା ୧୨ବର୍ଷର

ପ୍ରାଚୀ ଦେଶାଇ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ ୨୦୦୮ରେ, ଆଉ ତାଙ୍କର ଡେବ୍ୟୁ ସିନେମାଟି ଥିଲା 'ରକ୍ ଅନ୍' । ତା'ପରେ ସେ 'ୱାନ୍ସ ଅପନ ଏ ଟାଇମ୍', 'ବୋଲ୍ ବଚ୍ଚନ', 'ଆଇ, ମି ଔର ମେଁ', 'ରକ୍ ଅନ୍-୨' ପରି ଚଳଚ୍ଚିତ୍ରରେ ଅଭିନୟ କରିସାରିଛନ୍ତି । ହେଲେ ଅନେକ ସମୟରେ ତାଙ୍କୁ ହାତ ବାନ୍ଧି ବସିବାକୁ ପଡିଛି । ଏ ପର୍ଯ୍ୟନ୍ତ ୧୨ବର୍ଷର ବଡ଼ ପରଦା କ୍ୟାରିୟରରେ ସେ ମାତ୍ର ୧୨ଟି ଚଳଚ୍ଚିତ୍ରରେ ଆକ୍ଟିଂ କରିଛନ୍ତି । କିନ୍ତୁ ବଲିଉଡ୍‌ରେ ପାଦ ଥାପିବା ପୂର୍ବରୁ ପ୍ରାଚୀ ଛୋଟ ପରଦାରେ ଜଣେ ପରିଚିତା ଅଭିନେତ୍ରୀ ସାଜି ସାରିଥିଲେ । ଏ ସମ୍ପର୍କରେ ପ୍ରାଚୀ କହନ୍ତି, 'ଏକଥା ସତ ଯେ ମୁଁ ଗତ ୧୨ବର୍ଷ ଭିତରେ ୧୨ଟି ଫିଲ୍ମରେ ଆକ୍ଟିଂ କରିଛି । ତେବେ ସିନେମାଟିଏ ସାଇନ୍ କରିବାକୁ ପୂର୍ବରୁ ମୁଁ ବେଶ୍ ସତର୍କତାର ସହ ପାଦ ପକାଇଥାଏ । ଏକାଥରେ ଗୁଡାଏ ଫିଲ୍ମରେ ଆକ୍ଟିଂ କରିବାକୁ ମୁଁ ଚାହେଁନା । କାରଣ ଏ ଲାଇନ୍‌ରେ ଟୁଜି ହେଲେ ହିଁ ଜଣେ ସଫଳତା ପାଇପାରିବ ।' ତେବେ ଆଗକୁ ପ୍ରାଚୀ ନିଜ ଆକ୍ଟିଂ କ୍ୟାରିୟରକୁ କି ମୋଡ଼ ଦେଉଛନ୍ତି ତାହା ସମୟ ହିଁ କହିବ ।


ପ୍ରାଚୀ



ସମତା

आपणଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ହାଃ ହାଃ

## ଜୋତା

ଜଣେ ବ୍ୟକ୍ତି ମହିଳାଙ୍କୁ- ମ୍ୟାଡାମ୍ ଜୋତା କୋଉଠି ମିଳିବ ?
ମହିଳା- ଯେଉଁଠି ଚାହିଁବ ସେଇଠି ମିଳିଯିବ। ଖାଲି ତୁମ ପାଖରେ ସେ କ୍ୱାଲିଟି ଥିବା ଦରକାର।
ବ୍ୟକ୍ତି- ମାନେ ?
ମହିଳା- ଝିଅଙ୍କୁ କମେଣ୍ଟ ମାରିବା କ୍ୱାଲିଟି।

## ଆଣ୍ଟି

ମୋନିକା- ମୁଁ ଏକ ସ୍ତ୍ରୀ, ଏକ ମା', ଏକ ଭଉଣୀ, ଏକ ଝିଅ ଓ ପ୍ରେମିକା ବି।
ମୁନି- ହଁ, ଆଣ୍ଟି।
ମୋନିକା- ମାରିକି ଗାଲ ଫଟେଇ ଦେବି। ମୁଁ ସବୁ ହୋଇପାରେ ହେଲେ ଆଣ୍ଟି ନୁହେଁ।

## ବଦ୍‌ନାମୀ

ଗର୍ଲଫ୍ରେଣ୍ଡ ବୟଫ୍ରେଣ୍ଡକୁ- ଆମ ସମ୍ପର୍କ ବିଷୟରେ ଏବେ ସମସ୍ତେ ଜାଣି ଗଲେଣି। ଆମକୁ ସମାଜ ବଦନାମ କରିଦେଲାଣି। ଚାଲ ଶୀଘ୍ର ବାହା ହେଇଯିବା।
ବୟଫ୍ରେଣ୍ଡ(କିଛି ସମୟ ଭାବି)- ହେଲେ ଏତେ ବଦ୍‌ନାମୀ ପରେ ଆମକୁ କିଏ ବା ଆଉ ବାହା ହେବ ?





# ନାଇଫ୍ ଥେରାପି

**ଛୁରିରେ ବଡି ମସାଜ କରାଯାଏ। ଆଉ ଏହା ଆଜି କି କାଲିର କଥା ନୁହେଁ, ଏହା ବହୁ ପ୍ରାଚୀନ କାଳରୁ ଚାଲିଆସୁଛି। ତଥ୍ୟ ଅନୁଯାୟୀ, ସମ୍ପ୍ରତି ତାଇୱାନରେ ଏହି ମସାଜଟି ବହୁତ ଲୋକପ୍ରିୟ...**



ଛୁରିରେ ସାଧାରଣତଃ ଫଳ, ପନିପରିବା କଟା ଯାଇଥାଏ। ହେଲେ କେହି ଏକଥା ଜାଣିଛି କି ଛୁରିରେ ବି ବଡି ମସାଜ କରାଯାଇଥାଏ। ହୁଏତ ଏକଥା ଶୁଣିବାକୁ ଅଡୁଆ ଲାଗୁଥାଇପାରେ। ମାତ୍ର ଏହା ହିଁ ସତ। ଛୁରିରେ ବଡି ମସାଜ କରାଯାଏ। ଆଉ ଏହା ଆଜି କି କାଲିର କଥା ନୁହେଁ, ଏହା ବହୁ ପ୍ରାଚୀନ କାଳରୁ ଚାଲିଆସୁଛି। ତଥ୍ୟ ଅନୁଯାୟୀ, ସମ୍ପ୍ରତି ତାଇୱାନରେ ଏହି ମସାଜଟି ବହୁତ ଲୋକପ୍ରିୟ।

**ଦୁଇହଜାର ବର୍ଷର ପୁରୁଣା:** ଏହି ଛୁରିରେ ମସାଜ କରିବା ପ୍ରକ୍ରିୟା ବା ନାଇଫ୍ ମସାଜ୍ ପ୍ରକ୍ରିୟାଟି ପ୍ରାୟ ଦୁଇହଜାର ବର୍ଷର ପୁରୁଣା। କୁହାଯାଏ ବୌଦ୍ଧ ସନ୍ନ୍ୟାସୀମାନେ ଏହି ପଦ୍ଧତିକୁ ଉଦ୍ଭାବନ କରିଥିଲେ। ପରେ ପରେ ତାଙ୍ଗ୍ ରାଜବଂଶର ରାଜାମାନେ ଏହି ଥେରାପିଟିକୁ ବହୁଳ ଭାବରେ ପ୍ରଚାର ପ୍ରସାର କରାଇଥିଲେ। ଜାପାନ, ଚାଇନା ଆଦି ସ୍ଥାନରେ ଏହାକୁ ସେତେବେଳେ ଏକ ସଫଳ ଥେରାପି ଭାବରେ ଜ୍ଞାନ କରାଯାଉଥିଲା। ଚାଇନା ଗୃହଯୁଦ୍ଧ ବେଳେ ଏହି ଥେରାପିର ସଫଳ ପ୍ରୟୋଗ କରାଯାଇଥିବା ଇତିହାସ କହେ।

**ଡିପ୍ରେସନ୍‌ର ମହୌଷଧି:** ଏହି ନାଇଫ୍ ଥେରାପିକୁ ବିଭିନ୍ନ କାର୍ଯ୍ୟ ପାଇଁ ପ୍ରୟୋଗ କରାଯାଇଥାଏ। ଜଖମ ଠିକ୍ କରିବାକୁ, ନିଦ ହେଉ ନ ଥିଲେ, ଡିପ୍ରେସନ୍‌ରୁ ମୁକ୍ତି ପାଇବା ପାଇଁ ତଥା ଶରୀର ଭିତରେ ସୃଷ୍ଟି ହେଉଥିବା ଯନ୍ତ୍ରଣା ସବୁକୁ ଠିକ୍ କରିବା ପାଇଁ ଏହି ନାଇଫ୍ ଥେରାପିକୁ ଉପଯୋଗ କରାଯାଇଥାଏ। କୁହାଯାଏ, ଚାଇନା ଗୃହଯୁଦ୍ଧ ଅବସରରେ ଲୋକମାନେ ଅଧିକରୁ ଅଧିକ ଡିପ୍ରେସନ୍ ଭିତରକୁ ଠେଲି ହୋଇଯାଇଥିଲେ। ଆଉ ଏହି ନାଇଫ୍ ଥେରାପି ହିଁ ସେତେବେଳେ ସବୁଠୁ ବେଶି ଉପଯୋଗୀ ସାବ୍ୟସ୍ତ ହୋଇଥିଲା।





**ପ୍ରେସର ପଏଣ୍ଟ :** ମଣିଷ ଶରୀରର ସଂରଚନା ଅତି ଅଦ୍ଭୁତ। ବୌଦ୍ଧ ଚିକିତ୍ସା ଶାସ୍ତ୍ର ଅନୁଯାୟୀ, ଆମ ଶରୀରରେ ଅନେକଗୁଡ଼ିଏ ଚାପକେନ୍ଦ୍ର ବା ପ୍ରେସର ପଏଣ୍ଟ ରହିଛି। ସେହିସବୁ କେନ୍ଦ୍ରରୁ ନିର୍ଗତ ହେଉଥିବା ଶକ୍ତି ବା ଉର୍ଜା ହିଁ ଶରୀରକୁ ସକ୍ରିୟ କରିଥାଏ। ତେବେ ଯେତେବେଳେ ସେହି ସବୁ ଶକ୍ତିକେନ୍ଦ୍ର ଦୁର୍ବଳ ହୋଇଯାଆନ୍ତି ସେତେବେଳେ ଆମ ଶରୀରରେ ନାନାଦି ବିଶୃଙ୍ଖଳା ଦେଖାଯାଏ। ଆଉ ତାହାର ପ୍ରଭାବ ମସ୍ତିଷ୍କ ଉପରେ ପଡ଼ିଥାଏ। ନାଇଫ୍ ଥେରାପିରେ ପ୍ରଥମେ ଶରୀରର ପ୍ରେସର ପଏଣ୍ଟ୍ ସବୁକୁ ଲକ୍ଷ୍ୟ କରାଯାଏ। ସେହିସବୁ ପ୍ରେସର ପଏଣ୍ଟ୍‌ରେ ହିଁ ନାଇଫ୍ ଥେରାପି ଉପଯୋଗ କରାଯାଏ।

**ସକାରାତ୍ମକ ମାନସିକତା :** ଏହି ଥେରାପି ଅତି ଅଦ୍ଭୁତ ଥେରାପୀ। ଏଥିରେ ବ୍ୟବହୃତ ହେଉଥିବା ଛୁରି ହେଉଛି ନକାରାତ୍ମକତାର ପ୍ରତୀକ। ଛୁରିଟିଏ ହାତରେ ଧରିବା ମାତ୍ରେ ମନ ଭିତରକୁ ଅନେକ ନେଗେଟିଭ୍ ବା ନକାରାତ୍ମକ ଶକ୍ତି ପଶି ଆସନ୍ତି। ଆଉ ତାହା ଚିକିତ୍ସକର ମନକୁ ବିଶୃଙ୍ଖଳିତ କରିପକାନ୍ତି। ସେଥିଲାଗି ଏହି ଥେରାପି ଯୋଗାଉଥିବା ଲୋକମାନଙ୍କ ପାଇଁ ପ୍ରଥମ ନିୟମ ହେଉଛି ସେମାନେ ସକାରାତ୍ମକ ବା ପଜିଟିଭ୍ ଚିନ୍ତା କରିବେ। ଆଦୌ ଆମିଷ ଖାଇବେ ନାହିଁ। ମନ ଭିତରେ କୌଣସି ପ୍ରକାର ଅବସାଦ ରହିଥିଲେ ସେମାନେ ଥେରାପି ଦବାକୁ ଆସିବେ ନାହିଁ। ଏଭଳି ଅନେକ ନିୟମକୁ ନେଇ ଏହି ଥେରାପିର ପରିଚାଳନା କରାଯାଇଥାଏ।








# ମିନେରାଲ୍ ୱାଟର୍ ପିଅନ୍ତି, ଦାମୀ ପୋଷାକ ପିନ୍ଧନ୍ତି ଏଇ କୁକୁର

**ସ**ବୁ ସୁଖ ସୁବିଧାରେ ରହିବା, ଅୟସ ଜୀବନ ବିତାଇବାକୁ ସମସ୍ତେ ଚାହାନ୍ତି। ହେଲେ ଏହା ସମସ୍ତଙ୍କ ଭାଗ୍ୟରେ ଜୁଟି ନ ଥାଏ। ସଂଘର୍ଷ ଓ ଦାରିଦ୍ର୍ୟ ମଧ୍ୟରେ ଅନେକଙ୍କୁ ଜୀବନ ବିତାଇବାକୁ ହୁଏ। ତେବେ ଦେଖିବାକୁ ମିଳୁଛି କିଛି ପୋଷା ଜୀବଜନ୍ତୁ ଏଭଳି ଅୟସ ଜୀବନ ବିତାଉଛନ୍ତି, ଯାହାକୁ ଦେଖିଲେ ମଣିଷ ବି ଈର୍ଷା କରିବ। ୟୁକେ, କେଣ୍ଟରେ ରହୁଥିବା ଲିୟନ ଓ ଷ୍ଟିଭ ଗେଲର୍ ନାମକ ଦମ୍ପତିଙ୍କର ଦୁଇ କୁକୁର ହେଉଛନ୍ତି ଠିକ୍ ସେହିଭଳି ପେଟ୍। ତାଙ୍କ ପାଖରେ ଧଳା ରଙ୍ଗର ଏକ ଚିହୁଆହୁଆ ପ୍ରଜାତିର କୁକୁର, ଯାହାର ନାମ ରୋମିଓ ଏବଂ ରେଗି ନାମକ ଚାରିବର୍ଷର ଆଉ ଏକ କୁକୁର ଅଛି। ଏହି ଦମ୍ପତି ନିଜର ଦୁଇ ପେଟ୍‌କୁ ଏତେ ଭଲ ପାଆନ୍ତି ଓ ଏତେ ସୁଖ ସ୍ୱାଚ୍ଛନ୍ଦ୍ୟରେ ରଖିଛନ୍ତି ଯେ, ଏମାନେ ସାଦା ପାଣି ମୁହଁରେ ଦିଅନ୍ତି ନାହିଁ। କେବଳ ମିନେରାଲ ୱାଟର୍ ପିଅନ୍ତି। ତାଙ୍କ ପାଇଁ ଖାସ୍ ଖାଦ୍ୟ ପ୍ରସ୍ତୁତ କରାଯାଏ, ଯେଉଁଥିରେ ଅଧିକ ଚିକେନ୍ ଷ୍ଟିକ୍ ଥାଏ। ମାଲିକାଣୀ ଲିୟନ୍ କହନ୍ତି, 'ଏହି ଦୁଇ ପେଟ୍‌ଙ୍କର ୧୯ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଣ୍ଡେଡ୍ ଫ୍ୟାଶନେବଲ୍ ପୋଷାକ ଅଛି। ଦୁହିଁଙ୍କୁ ଜ୍ୟାକେଟ୍ ଓ ବୋ ପିନ୍ଧିବାକୁ ବହୁତ ଭଲ ଲାଗେ।' ଏହି ଦମ୍ପତିଙ୍କର ଦୁଇ ପୁଅ ବି ଅଛନ୍ତି। ତଥାପି ସେମାନେ ଏହି ଦୁଇ କୁକୁରଙ୍କୁ ବହୁତ ଭଲ ପାଆନ୍ତି। ଖାଇବା ପିଇବାରେ ଏମାନଙ୍କର ବହୁତ ନଖରା। ସାଦା ପାଣି ପିଅନ୍ତି ନାହିଁ, ଦାମୀ ଡିସ୍ ଖାଇବାକୁ ବହୁତ ପସନ୍ଦ। ଆଉ ମାଲିକଙ୍କ ସମ୍ପୂର୍ଣ୍ଣ ଧ୍ୟାନ ବି ଚାହାନ୍ତି। ସେଥିପାଇଁ ଲିୟନ୍ ଚାକିରି ବି ଛାଡିଦେଲେ। ଦୁଇ କୁକୁରଙ୍କର ଇନଷ୍ଟାଗ୍ରାମରେ ଆକାଉଣ୍ଟ ବି ଅଛି।



ବ୍ୟାକ୍ ପେଜ୍

## କାର୍ଟୁନ କର୍ନର

